**ଗଞ୍ଜେଇ ଚାଲାଣ ମାମଲାରେ ଗିରଫ ୩ ଅଭିଯୁକ୍ତ ନିର୍ଦ୍ଦୋଶରେ ଖଲାସ**

**ନବରଙ୍ଗପୁର,(ସଦାଶିବ ପ୍ରହରାଜ):** ଏକ ଗଞ୍ଜେଇ ଚାଲାଣ ମାମଲାର ୩ ଜଣ ଅଭିଯୁକ୍ତ ନିର୍ଦ୍ଦୋଶରେ ଖଲାସ ହୋଇଛନ୍ତି। ୨୦୨୦ ମେ ୫ରେ ମଇଦଲପୁର ତନଖି ଫାଟକରେ ୩ ଜଣ ଗିରଫ ହୋଇଥିଲେ। ଉତ୍ତରପ୍ରଦେଶ ନମ୍ବର ଥିବା ଏକ ଟ୍ରକରୁ ୬ କୁଇଣ୍ଟାଲ ୧୫ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏଥିସହ ସତେନ୍ଦ୍ର ଶର୍ମା, ଦିନେଶ କୁମାର ଶର୍ମା ଓ ମନୋଜ ଯାଦବଙ୍କୁ ଗିରଫ କରାଯାଇଥିଲା। ପାପଡ଼ାହାଣ୍ଡି ଥାନା କେସ ନମ୍ବର ୭୧/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ୧୯ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିବା ପରେ ପ୍ରମାଣ ଅଭାବରୁ ଅତିରିକ୍ତ ଜିଲା ଜଜ୍ ଶିବ ପ୍ରସାଦ ମିଶ୍ର ଅଭିଯୁକ୍ତଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ମାମଲାକୁ ହରି ନାରାୟଣ ବେହେରା, ସାମାଞ୍ଚଳ ପାଢ଼ୀ ଓ କିଶୋର ପଟ୍ଟନାୟକ ପରିଚାଳନା କରିଥିଲେ।

# ଆଦିବାସୀ ଦିବସକୁ ସରକାରୀ ଛୁଟି ଘୋଷଣା ନେଇ ଆଲୋଚନା

## ଗୋଟିଏ ମଞ୍ଚରେ ଏକାଠି ହେଲେ ୩ ଆଦିବାସୀ ସମ୍ପ୍ରଦାୟ

ପଟ୍ଟାଙ୍ଗି, ୯।୮(ଶରତ ଧଳ)

ଆଦିବାସୀ ଦିବସ ଉପଲକ୍ଷେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ଗଦବା , ପରଜା ଏବଂ କନ୍ଧ ସମ୍ପ୍ରଦାୟ ଲୋକେ ସ୍ଥାନୀୟ ଗାଙ୍ଗମା ମନ୍ଦିର ନିକଟସ୍ଥ କାତ୍ରାଗୁଡା ଗ୍ରାମର ନିଶାଣି ମଣ୍ଡପରେ ଏକାଠି ହୋଇଥିଲେ। ସେଠାରୁ ସେମାନେ ମିନି ଷ୍ଟାଡିୟମ ଅଭିମୁଖେ ଏକ ରାଲିରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ବାହାରିଥିଲେ। ମିନି ଷ୍ଟାଡିୟମ ନିକଟରେ ପହଞ୍ଚିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଆଦିବାସୀ ମହାସଂଘ ସଭାପତି ସୁନୀଲ ଖରା (କନ୍ଧ), ରାଜ କୁମାର ବାଡାମ (ପରଜା) ଏବଂ ରବି ଖରା (ଗଦବା) ମଞ୍ଚାସୀନ ଥିଲେ। ବିଧାୟକ ପିତମ ପାଢ଼ୀ, ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, ୧ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଲଇଚନ ଖରା ପ୍ରମୁଖ ଲାକାରାଇ ଗ୍ରାମର ସଂଗ୍ରାମୀ ସ୍ୱର୍ଗତ ପେଦା କୁରୁମାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ୩ ସମ୍ପ୍ରଦାୟର ପାରମ୍ପରିକ ରୀତିନୀତି ବଞ୍ଚାଇ ରଖିବା ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ନେଇ ସମସ୍ତେ ଏକଜୁଟ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଆଦିବାସୀ ଦିବସକୁ ଛୁଟି ଘୋଷଣା କରିବା ନେଇ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ବୈଠକରେ ଉପସ୍ଥିତ ୩ ସମ୍ପ୍ରଦାୟର ସଦସ୍ୟ ମତଦେଇଥିଲେ। ପଟ୍ଟାଙ୍ଗି ସରପଞ୍ଚ ଆଲମେ ଫୁଲ ବିଜୟ ଖିଲ, ଯଦୁନାଥ ଗୁଣ୍ଡା, ସୁଧୀର ଗୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କନ୍ଧ ସମ୍ପ୍ରଦାୟରୁ ଓଏଏସ୍ ପାଇଥିବା ସୌରବ ଖିଲଙ୍କୁ ସମ୍ମାନିତ କରାଯାଇଥିଲା।



ଓଏଏସ୍ ପାଇଥିବା ସୌରବ ଖିଲଙ୍କୁ ସମ୍ମାନିତ କରାଯାଉଛି।

## ଆଦିବାସୀମାନେ ପ୍ରକୃତିର ଦାନ, ପୂଜକ

ନନ୍ଦପୁର,(ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ କଂଗ୍ରେସ ସଭାପତି କାମେଶ କାମୁଡିଙ୍କ ନେତୃତ୍ୱରେ ସୀମାନ୍ତ ଚାଟୁଆ ପଞ୍ଚାୟତର ନାରୀଗାଁ ଗ୍ରାମରେ ବିଶ୍ୱ ଆଦିବାସୀ ଓ କ୍ରାନ୍ତି ଦିବସ ପାଳନ କରାଯାଇଛି। ଦେଶ ସ୍ୱାଧୀନତା ପାଇଁ ସଂଗ୍ରାମୀଙ୍କ ବଳିଦାନକୁ ମନେପକାଇ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଆଦିବାସୀମାନେ ସୃଷ୍ଟିର ପ୍ରଥମ। ତେଣୁ ସେମାନଙ୍କୁ ପ୍ରକୃତିର ଦାନ ଓ ପୂଜକ ବୋଲି ବିବେଚିତ କରାଯାଏ ବୋଲି ପୂର୍ବତନ ବିଧାୟକ ରାମ କାଡାମ କହିଥିଲେ। କିଛିଦିନ ତଳେ ମଣିପୁରରେ ଆଦିବାସୀଙ୍କୁ ଯେଉଁଭଳି ନିର୍ଯାତନା ଦିଆଯାଇଛି କେନ୍ଦ୍ର ସରକାର ମୁହଁ ଖୋଲୁନାହାନ୍ତି କାହିଁକି ବୋଲି କର୍ମୀମାନେ ପ୍ରଶ୍ନ କରିଥିଲେ। କଂଗ୍ରେସ ସରକାର ଲୋକଙ୍କ ହକ୍ ପାଇଁ କାର୍ଯ୍ୟ କରୁଥିଲେ। ଏବେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ମିଶି ଓଲଟା କାମ କରୁଛନ୍ତି ବୋଲି କଂଗ୍ରେସ କର୍ମୀମାନେ ଅଭିଯୋଗ କରିଛନ୍ତି। କାର୍ଯ୍ୟକ୍ରମରେ ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀ କଂଗ୍ରେସ ସଂଯୋଜକ ରାମକୃଷ୍ଣ ପାଡ଼ାଲ, ଯୁବ କଂଗ୍ରେସ ସଭାପତି ଗଣେଶ ଖିଲ, ଚାଟୁଆ ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଖିଲ, ଜଗନ୍ନାଥ କିର୍ଷାନୀ, ଜାମ୍ପନା ଲମତାଗାଡ଼, ପୂର୍ଣ୍ଣଚନ୍ଦ୍ର ଖିଲ, ଦଶରଥ ଖିଲ, ଆନନ୍ଦ ପାଙ୍ଗୀ, ଗୋଲୁର ପୂର୍ବତନ ସରପଞ୍ଚ ରଘୁନାଥ ବୁରୁଡି, ଗୋଲୁର ସଭାପତି ଶିବ ବୁରୁଡି ଓ ଅନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ଶୋଭାଯାତ୍ରାରେ ଗଲେ ୪ ସମ୍ପ୍ରଦାୟର ଆଦିବାସୀ



ବୈଠକରେ ବିଧାୟକ ଓ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଲୋକେ।

ଦଶମନ୍ତପୁର, ୯।୮( ଅରବିନ୍ଦ ନାୟକ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦରରେ ଆଦିବାସୀ ଦିବସ ପାଳନ କରାଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ କହ୍ନେଇ ଜାନିଙ୍କ ନେତୃତ୍ୱରେ ୧୬ ପଞ୍ଚାୟତର ୩ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ଯୋଗଦେଇଥିଲେ। ସେମାନେ ପାରମ୍ପରିକ ବାଦ୍ୟର ତାଳେ ତାଳେ ଢେମସାର କରି ସ୍ଥାନୀୟ ବାଣୁଆଗୁଡ଼ା ଛକରୁ ସାଇ କଲ୍ୟାଣୀ ମଣ୍ଡପରେ ପହଞ୍ଚିଥିଲେ। ସେଠାରେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ଏମ୍‌ପିଙ୍କ ପ୍ରତିନିଧି ରାଜେନ୍ଦ୍ର ହୁଇକା, ପୂର୍ବତନ ଲକ୍ଷ୍ମୀପୁର ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ଜାନି, ଜୋନ୍ ୧ ଜିଲା ପରିଷଦ ସଭ୍ୟା ଲଳିତା ଜାନି, ଜୋନ୍ ୨ ଜିଲା ପରିଷଦ ସଭ୍ୟ ଧନପତି ସାଉଁନ୍ତା, ଏସ୍‌ଡିସି ସଭ୍ୟ ଦଶରଥ ମୁଦୁଲି, ଚିକାମ୍ ସମିତିସଭ୍ୟ ପଦ୍ମନାଭ ଜାନି, ଭଗବାନ ମୁଦୁଲି, ନିୟତି ଗିରେନ, ସାମାଜିକ କର୍ମୀ ଧନୁ ଜାନି, ଭଗବାନ ଜାନି, ଜ୍ୟୋତିରଞ୍ଜନ ମୁଦୁଲି, ଡମ୍ବୁ ମୁଦୁଲି, କୁଳମଣି ଜାନି ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିର୍ମଳା ଲିମା ଏବଂ ପୋଲିସ ଟିମ୍ ମୁତୟନ କରାଯାଇଥିଲା।

# ବିଶ୍ୱ ଆଦିବାସୀ ଦିବସ ପାଳିତ

**କୋରାପୁଟ,୯।୮(ଅମିତାଭ ବେହେରା):** କୋରାପୁଟସ୍ଥିତ ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ(କୋଟସ୍) ଏବଂ ଇନ୍‌ଟାକ୍ କୋରାପୁଟ ଚାପ୍ଟର ମିଳିତ ଆନୁକୂଲ୍ୟରେ ବୁଧବାର ବିଶ୍ୱ ଆଦିବାସୀ ଦିବସ ସ୍ଥାନୀୟ କୋଟସ୍ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। କୋଟସ୍ ନିର୍ଦ୍ଦେଶକ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଟ୍ଟାଙ୍ଗି ବିଧାୟକ ପ୍ରିତମ୍ ପାଢ଼ୀ ଯୋଗଦେଇ ଆଦିବାସୀ ଯୁବଗୋଷ୍ଠୀଙ୍କ ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହେବା ସହ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଆଦିବାସୀ ସଂସ୍କୃତି ଗବେଷକ ଡ. ରାଜେନ୍ଦ୍ର ପାଢ଼ୀ ଆଦିବାସୀ ସଂସ୍କୃତିର ମୂଲ୍ୟବୋଧ, ଜ୍ଞାନକୌଶଳ, ଭାଷାର ମହନୀୟତା ସମ୍ପର୍କରେ କହିବା ସହ ଏଗୁଡ଼ିକର ସଂରକ୍ଷଣ ଦିଗରେ ବିଶେଷତଃ ଯୁବଗୋଷ୍ଠୀଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଆଲୋଚକ ଡ. ପରେଶ ରଥ ବିଶ୍ୱ ଆଦିବାସୀ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରି କହିଥିଲେ, ଚଳିତବର୍ଷ ଯୁବପିଢ଼ିଙ୍କ ପ୍ରତି ଅଙ୍ଗୀକାରବଦ୍ଧତା ଯେଉଁ ଆହ୍ୱାନ ରହିଛି ତାକୁ ପାଳନ କରିବା ବିଧେୟ। ଡ. ମହାପାତ୍ର ଆଦିବାସୀ ଜନଜୀବନ ଏବଂ ଗବେଷଣା ସମ୍ପର୍କରେ କୋଟସ୍‌ର ଭୂମିକା ତଥା ଆଗାମୀ ଯୋଜନା ସମ୍ପର୍କରେ କହିଥିଲେ। ଏହି ଅବସରରେ କୋରାପୁଟ ଜିଲାରୁ ଓଡ଼ିଶା ପ୍ରଶାସନିକ ସେବା ନିମନ୍ତେ ମନୋନୀତ ହେଇଥିବା ୨ ଯୁବ ପ୍ରତିଭା କୋଟିଆର ସୌରଭ ଖିଲ ଏବଂ ଲମତାପୁଟର ଅଶୋକ ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଗବେଷକ ପ୍ରଫୁଲ୍ଲ ପାଢ଼ୀ, ଲଲାଟେନ୍ଦୁ ପ୍ରତାପ ଦେଓ, ତ୍ରିନାଥ ପାତ୍ର, ଭୀମସେନ ଜେନା, ତ୍ରିଲୋଚନ ଶତପଥୀ, ସାବିତ୍ରୀ ମାଝି, ରାମକୃଷ୍ଣ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ । କୋଟସ ପ୍ରଶାସନିକ ଅଧିକାରୀ ଡ. ପ୍ରଦୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୭ରେ ଗଣଧାରଣା ନିଷ୍ପତ୍ତି

**ଜୟପୁର, ୯।୮ (ପବନ ପାଣିଗ୍ରହୀ):** ଦାନ ଜମି ଜବର ଦଖଲ ହୋଇଥିବା ନେଇ ବାରମ୍ବାର ଜୟପୁର ଉପଖଣ୍ଡ ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। କିନ୍ତୁ ପ୍ରଶାସନ କିଛି ପଦକ୍ଷେପ ନେଇ ନାହିଁ। ତେଣୁ ପ୍ରଶାସନ ଉକ୍ତ ବିଷୟକୁ ଗୁରୁତର ସହ ନେଇ ମୁଗୁଡା ସୁରିୟା ନାରାୟଣାଙ୍କ ଜମି ବ୍ୟତୀତ ସେ ଦାନ ସୂତ୍ରରେ ଦେଇଥିବା ଜମିକୁ ଅସାମାଜିକ ବ୍ୟକ୍ତିଙ୍କ କବଳରୁ ଉଦ୍ଧାର କରିବା ଲାଗି ତୁରନ୍ତ ପଦକ୍ଷେପ ନିଆଯାଉ। ନଚେତ ମୁଗୁଡା ସୁରିୟା ନାରାୟଣାଙ୍କ ସହ ସାମାଜିକକର୍ମୀ ବି ହରି ରାଓ ଓ ଦାନ ସୂତ୍ରରେ ପାଇଥିବା ସମସ୍ତ ପଟ୍ଟାଧାରୀ ବ୍ୟକ୍ତି ଆସନ୍ତା ୧୭ରେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣ ଧାରଣା ଦିଆଯିବ ବୋଲି ବୁଧବାର ଦାବି ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି, ଜୟପୁର ପ୍ରସାଦ ରାଓ ପେଟାର ମୁଗୁଡା ସୁରିୟାନାରାୟଣାଙ୍କର ଜଗନ୍ନାଥପୁର ମୌଜାରେ ଥିବା ୨.୩୦ ଏକର ଜମିକୁ ଗିରବ ଲୋକଙ୍କୁ ବଣ୍ଟନ କରିଥିଲେ। କେତେକ ଜମିକୁ ଆସାମାଜିକ ଲୋକ ଜବର ଦଖଲ କରି ରଖିଛନ୍ତି। ଫଳରେ ଯେଉଁ ଲୋକଙ୍କୁ ଦାନ କରାଯାଇଛି ଉକ୍ତ ଲୋକମାନେ ଗୃହ ନିର୍ମାଣ କରିବାକୁ ଚାହିଁବା ସମୟରେ ଉକ୍ତ ଅସାମାଜିକ ବ୍ୟକ୍ତିମାନେ ଧମକ ଚମକ ଦେଉଥିବା ଉଲ୍ଲେଖ କରାଯାଇଛି । ସମାଜସେବୀ ବି ହରି ରାଓଙ୍କ ନେତୃତ୍ୱରେ ମୁଗୁଡା ସୁରିୟାନାରାୟଣା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ।

# ନାଚଗୀତ, ଶୋଭାଯାତ୍ରାରେ ଦୁଲୁକିଲା




## ବିଶ୍ୱ ଆଦିବାସୀ ଦିବସ

ଜୟପୁର ୯।୮ (ପବନ ପାଣିଗ୍ରହୀ) : ବିଶ୍ୱ ଆଦିବାସୀ ଦିବସ ଅବସରରେ ଜିଲା ଆଦିବାସୀ ମହାସଂଘ ପକ୍ଷରୁ ବୁଧବାର ବିଶାଳ ଶୋଭାଯାତ୍ରା ବାହାରିଥିଲା। ମୁକୁନ୍ଦ ହନ୍ତାଳଙ୍କ ଆହ୍ୱାନରେ ଆଦିବାସୀଙ୍କ ପାରମ୍ପରିକ ବେଶ ଭୂଷା, ନାଚ ଓ ଗୀତରେ ଜୟପୁର ସୂର୍ଯ୍ୟ ମହଲଠାରୁ ବିଶାଳ ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଉପ ଜିଲାପାଳଙ୍କ ଦାୟିତ୍ୱରେ ଥିବା ପିଏ ଆଇଟିଏ ଗୋପୀନାଥ ସାରକଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୨୧ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି । କୋରାପୁଟ ଜିଲା ଗାଦବା, ପରଜା, ଅମନାତ୍ୟ, ପେଣ୍ଟିଆ, ଭୂମିଆ, କନ୍ଧ, ଦରା,ସୁଉରା, କୋଟିଆ ଓ ଦୁରୁଆ ଭଳି ୧୨ ଆଦିବାସୀ ସମାଜର ସଦସ୍ୟମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି, ଅବିଭକ୍ତ କୋରାପୁଟ ଜିଲା ବିକାଶ ପରିଷଦ ଗଠନ କରାଯାଉ, ଜିଲାର ମୁଖ୍ୟ ପରବ ହେଉଛି ଚଇତ ପରବରେ ସରକାରୀ ଓ ବେସରକାରି ଅନୁଷ୍ଠାନକୁ ଛୁଟି ଘୋଷଣା କରାଯାଉ, ଗ୍ରୁପ ସି ଓ ଡି ପୋଷ୍ଟ ନିଯୁକ୍ତି ଜିଲା ଭିତ୍ତିକ କରାଯାଉ, ପ୍ରତ୍ୟେକ ଆଦିବାସୀଙ୍କର ଆଦିବାସୀ ସମାଜ ପ୍ରମାଣପତ୍ର ଦେଖି ତଦାରଖ କରି ଜାତିଗତ ପ୍ରମାଣପତ୍ର ଦିଆଯାଉ, ଯଦି ଜଣେ ଆଦିବାସୀ ଝିଅ ଅଣ ଆଦିବାସୀ କିମ୍ବା ସାଧାରଣ ବର୍ଗକୁ ବିବାହ କରେ ତେବେ ସେହି ଝିଅକୁ ସେହି ବର୍ଗରେ ସାମିଲ କରାଯିବା ଆଦି ଦାବି ରହିଛି। ଶୋଭାଯାତ୍ରାରେ ପୀତବାସ ପ୍ରଫୁଲ, କମଲୁ ଜାନୀ, କୃଷ୍ଣ ନାୟକ, ବୈଦନାଥ ନାୟକ, ନରେନ୍ଦ୍ର କାନ୍ଦଲିଆ, ଲୁଦ୍ରା ସାଉନ୍ତା, ତ୍ରିନାଥ ପାଲରାପୁ, ସୁକ୍ରୁ ହନ୍ତାଳ, ଗୋପୀନାଥ ସୌରା, ରୁପୁ ଭତ୍ରା, ସୀମା କୁମାରୀ ଚଲାଣ, ଜୟରାମ ପୁଜାରୀ, ସଜିତ କୁମାର ନାୟକ ଓ ଲକ୍ଷ୍ମୀଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ପଦ୍ମପୁର ଥାନାରେ ନୂତନ ଅଧିକାରୀଙ୍କ ଯୋଗଦାନ

ପଦ୍ମପୁର,୯।୮ (ପ୍ରଶାନ୍ତ କୁମାର କର)



ରାୟଗଡ଼ା ଜିଲାର ପଦ୍ମପୁର ଥାନା ଅଧିକାରୀ ଭାବେ ବୁଧବାର ରଞ୍ଜନ କୁମାର ମାଝି କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଏହାପୂର୍ବରୁ ସେ ମାଲକାନଗିରି ଜିଲା ମାଥିଲି ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ପଦ୍ମପୁରରେ ଆଗରୁ ଥିବା ଥାନା ଅଧିକାରୀ ମୁକୁନ୍ଦଦେବ ନାୟକଙ୍କୁ କଳାହାଣ୍ଡି ଜିଲାକୁ ବଦଳି କରାଯାଇଛି।

### ଆଦିବାସୀ ନେତା ବୁଦ୍ଧ ଗମାଙ୍ଗଙ୍କ ଦେହାନ୍ତ

ପଦ୍ମପୁର,୯।୮ (ପ୍ରଶାନ୍ତ କୁମାର କର)

ବିପ୍ଳବୀ ଆଦିବାସୀ ନେତା ତଥା ସିପିଆଇ (ଏମ୍‌ଏଲ୍) ନ୍ୟୁ ଡେମୋକ୍ରାସିର ବରିଷ୍ଠ ନେତା ବୁଦ୍ଧ ଗମାଙ୍ଗଙ୍କ ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଛି। ୬୫ ବର୍ଷୀୟ ଗମାଙ୍ଗ ନିଜ ଗ୍ରାମ ମରିଚଗୁଡ଼ାଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ଦୀର୍ଘ ଦିନ ଧରି ପକ୍ଷାଘାତ ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ସିପିଆଇ (ଏମ୍‌ଏଲ୍) ନ୍ୟୁ ଡେମୋକ୍ରାସିର ରାଜ୍ୟ ସାଧାରଣ ସମ୍ପାଦକ ଭାଲ ଚନ୍ଦ୍ର ଷଡ଼ଙ୍ଗୀ, ପ୍ରଳୟ ବେହେରା, ମାଧବ ରାଓଙ୍କ ସହ ଅଞ୍ଚଳର ବହୁ ଆଦିବାସୀ ନେତା ଯୋଗଦେଇଥିଲେ। ବୁଦ୍ଧ ଗମାଙ୍ଗଙ୍କ ମରଶରୀରରେ ଦଳୀୟ ପତକା ଘୋଡାଇ ଅମର ଧ୍ୱନି ଦେବା ସହ ଲାଲ ସଲାମ ଜଣାଇ ଅନ୍ତିମ ସଂସ୍କାର କରାଯାଇଥିଲା। ସୂଚନାଯୋଗ୍ୟ, ୧୯୫୮ରେ ଜନ୍ମଗ୍ରହଣ କରିଥିବା ବୁଦ୍ଧ ଗମାଙ୍ଗ ନିଜ ଜାତିର ଅବହେଳିତ ଗରିବ ଆଦିବାସୀଙ୍କୁ ନିଜ ଅଧିକାର ପାଇଁ ଲଢ଼େଇ କରିବା ଓ ଶୋଷଣ ମୁକ୍ତ ସମାଜ ଗଠନ ଦିଗରେ ପ୍ରୟାସ ଜାରି ରଖିବାକୁ ଆହ୍ୱାନ ଦେଉଥିଲେ। ଏଥିସହ ସେ ବାମପନ୍ଥୀ ଦଳରେ ସାମିଲହୋଇ ସ୍ୱର୍ଗତ ନାଗଭୂଷଣ ପଟ୍ଟନାୟକଙ୍କ ବିପ୍ଳବୀ ସଂଘରେ ସାମିଲ ହୋଇଥିଲେ। ତାଙ୍କ ଅକାଳ ବିୟୋଗରେ ସମଗ୍ର ଜିଲାରେ ଓ ଆଦିବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।



ବୁଦ୍ଧ ଗମାଙ୍ଗ

# ଭାଗୀରଥିଙ୍କୁ ନ୍ୟାୟ ପାଇଁ ଜାରି ରହିବ ଲଢ଼େଇ

## ୧୨ ବର୍ଷ ପରେ ବି ଉନ୍ମୋଚନ ହୋଇପାରିନି ହତ୍ୟାକାଣ୍ଡ ରହସ୍ୟ

ରାୟଗଡ଼ା,୯।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାର ବିଜେଡି ନେତା ତଥା ଆଦିବାସୀ ଯୁବକ ଭାଗୀରଥି ମାଣ୍ଡାଙ୍ଗିଙ୍କ ହତ୍ୟାକାଣ୍ଡକୁ ୧୨ ବର୍ଷ ବିତିଥିଲେ ମଧ୍ୟ ଏଯାଏଁ ପୋଲିସ ଓ କ୍ରାଇମବ୍ରାଞ୍ଚ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିପାରିନାହିଁ । ଏ ନେଇ ବୁଧବାର ଏକ ହୋଟେଲରେ ଜିଲା ଆଦିବାସୀ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଭାଗୀରଥିଙ୍କ ପରିବାରକୁ ନ୍ୟାୟ ପାଇଁ ସଂଘର୍ଷ ଜାରି ରହିବ ବୋଲି ଆଦିବାସୀ ମହାସଂଘ ପକ୍ଷରୁ କୁହାଯାଇଛି। ପ୍ରକୃତ ହତ୍ୟାକାରୀ ଧରା ନ ପଡ଼ିବା ଯାଏଁ ଆମେ ଆଦିବାସୀ ଦିବସ ପାଳନ କରିବୁ ନାହିଁ ବୋଲି ସଂଘର ଆବାହକ ବସନ୍ତ ଉଲାକା, ସମ୍ପାଦକ ଜଗନ୍ନାଥ ମାଣ୍ଡାଙ୍ଗି କହିଛନ୍ତି ।

ସଂଘର ଆବାହକ ବସନ୍ତ କହିଛନ୍ତି, ୨୦୧୦ ଡିସେମ୍ବର ୧୫ ତାରିଖରେ ଭାଗୀରଥି ନିଖୋଜ ହେବାର କିଛିଦିନ ପରେ ଆନ୍ଧ୍ରପ୍ରଦେଶର ତୋଟାପଲ୍ଲୀଠାରେ ତାଙ୍କ ମୃତଦେହ ଜବତ ହୋଇଥିଲା । ଏଥିରେ ଶାସକ ଦଳର ଜଣେ ନେତାଙ୍କ ହାତ ଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପ୍ରଥମେ ପୋଲିସ ଓ ପରେ କ୍ରାଇମବ୍ରାଞ୍ଚ ତଦନ୍ତଭାର ନେଇଥିଲା । ହେଲେ ରାଜ୍ୟ ସରକାରଙ୍କ ଚାପରେ ତଦନ୍ତକୁ ଚାପି ଦିଆଯାଇଛି ବୋଲି ଖବରଦାତା ସମ୍ମିଳନୀରେ ବସନ୍ତ ଉଲାକା ଓ ଜଗନ୍ନାଥ ମାଣ୍ଡାଙ୍ଗି ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ଜିଲାରେ ଆଦିବାସୀଙ୍କୁ ଭାଗ ଭାଗ କରାଯାଇଛି ଏବଂ ଆଦିବାସୀଙ୍କ ସୁରକ୍ଷା ପାଇଁ ସରକାର କିଛି କରୁ ନ ଥିବା ସଂଘ ଅଭିଯୋଗ କରିଛି । ତେଣୁ ଏହାର ପ୍ରତିବାଦରେ ଆଗାମୀ ଦିନରେ ୱାର୍ଡସ୍ତରରେ ଆନ୍ଦୋଳନ କରାଯିବ ବୋଲି ସଂଘ କହିଛି । ତେବେ ପୋଲିସ ଡିଜିଙ୍କୁ ଭେଟି ଏ ନେଇ ଅଭିଯୋଗ କରିବା ପରେ ନ୍ୟାୟର ପ୍ରତିଶ୍ରୁତି ମିଳିଥିବା ବସନ୍ତ ଉଲାକା କହିଥିଲେ । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ସତ୍ୟବାନ ମାଣ୍ଡାଙ୍ଗି, ରଞ୍ଜନ ଜିଲାକାରା, ଶଙ୍କର ଜିଲାକାରା ଓ ଡିମାନା ପୁଆଲା ଓ ଆଦିବାସୀ ଯୁବକ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ବସନ୍ତ ଉଲାକା, ଜଗନ୍ନାଥ ମାଣ୍ଡାଙ୍ଗି ଓ ଅନ୍ୟମାନେ।

# ସମାଧାନ ପାଇଁ ଡିଆର୍‌ଏମ୍‌ଙ୍କୁ ଦାବିପତ୍ର

## ସମସ୍ୟା ଘେରରେ ନୌପଡ଼ା-ଗୁଣପୁର ରେଳପଥ



ଡିଆର୍‌ଏମ୍ ସୌରଭ ପ୍ରସାଦଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରାଯାଉଛି।

ଗୁଣପୁର,୯।୮ (ଡି.ଏନ୍.ଏ.)

ନୌପଡ଼ା ଗୁଣପୁର ରେଳପଥ ମଧ୍ୟରେ ବିଭିନ୍ନ ସମସ୍ୟା ଲାଗି ରହିଥିବାବେଳେ ଏହାର ସମାଧାନ ପାଇଁ ଆନ୍ଧ୍ର-ଓଡ଼ିଶା ରେଳ ବ୍ୟବହାରିକ ସଂଘ ପକ୍ଷରୁ ଦାବି ହୋଇଛି। ସଂଘ ସମ୍ପାଦକ ଗଜେନ୍ଦ୍ର ପଣ୍ଡା ଏବଂ ନବନିର୍ମାଣ ସମିତିର ଅଧ୍ୟକ୍ଷ ଅକ୍ଷୟ ଦାସ ପ୍ରମୁଖ ବୁଧବାର ନୂତନ ଭାବେ ଡିଆର୍‌ଏମ୍ ଦାୟିତ୍ୱ ନେଇଥିବା ସୌରଭ ପ୍ରସାଦଙ୍କୁ ଭେଟି ଆଲୋଚନା କରିଛନ୍ତି । ପ୍ରଥମେ ସେମାନେ ସୌରଭ ପ୍ରସାଦଙ୍କୁ ଶୁଭେଚ୍ଛା ଜଣାଇବା ପରେ ବିଭିନ୍ନ ସମସ୍ୟା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ ।

ସଂଘର ସଭାପତି ଡ.ସତ୍ୟପ୍ରକାଶ ପଣ୍ଡା ଏବଂ ନବନିର୍ମାଣ ସମିତି ପକ୍ଷରୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଗୁଣପୁର ଏବଂ ପାରଳାଖେମୁଣ୍ଡିଠାରେ ନିର୍ମାଣାଧୀନ ୧ନଂ. ପ୍ଲାଟ୍‌ଫର୍ମ କାର୍ଯ୍ୟ ଶୀଘ୍ର ସମାପ୍ତ କରାଯିବା, ଗୁଣପୁରଠାରେ ପ୍ଲାଟ୍‌ଫର୍ମ ୨ ଅତିଶୀଘ୍ର ନିର୍ମାଣ କରିବା, ଗୁଣପୁର ଏବଂ ପାରଳାଖେମୁଣ୍ଡିଠାରେ ଅତିରିକ୍ତ ଲୁପ୍ ଲାଇନ ନିର୍ମାଣ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ସେହିପରି କାଶୀନଗର ଏବଂ ତେମୁରଠାରେ ନୂତନ ଭାବେ ରେଳକ୍ରସିଂ ନିମନ୍ତେ ବ୍ୟବସ୍ଥା କରାଯିବା, ଟ୍ରେନ୍‌ଗୁଡିକର ସମୟାନୁବର୍ତ୍ତିତା ରଖିବା, ଗୁଣପୁର-ପୁରୀ ଟ୍ରେନ୍‌କୁ ଗଜପତି ଏକ୍ସପ୍ରେସ୍ ଏବଂ ଗୁଣପୁର -ବିଶାଖାପାଟଣା ଟ୍ରେନ୍‌କୁ ବଂଶଧାରା ଏକ୍ସପ୍ରେସ୍ ନାମରେ ନାମିତ କରାଯିବା ଓ ଏହି ଟ୍ରେନକୁ ଗୁଣ୍ଟୁର କିମ୍ବା ବିଜୟୱାଡା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବାକୁ ଦାବି କରିଥିଲେ। ଏଥିସହ ଗୁଣପୁର ଏବଂ ପାରଳାଖେମୁଣ୍ଡିଠାରେ ପାର୍ସଲ କାର୍ଯ୍ୟାଳୟ ଖୋଲିବା, ରେଳ ଡାକ ବ୍ୟବସ୍ଥା, ରେଳ ସୁରକ୍ଷା ବଳ କାର୍ଯ୍ୟାଳୟ ଖୋଲିବା, ଗୁଣପୁରଠାରେ ରେଳ ଟିକେଟ ସଂରକ୍ଷଣ କାଉଣ୍ଟର ଖୋଲିବା ନେଇ ଦାବି କରାଯାଇଥିଲା। ସେହିପରି ଗୁଣପୁର, ପାରଳାଖେମୁଣ୍ଡି ଷ୍ଟେଶନକୁ ଅମୃତ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବାରୁ ରେଳ ବିଭାଗକୁ କୃତଜ୍ଞତା ଜଣାଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଷ୍ଟା ସଂଘର ଦାବିପତ୍ର




ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାୟଗଡ଼ା,୯।୮ (ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଜିଲା ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝି ଦାବିପତ୍ର ଗ୍ରହଣ କରିଥିଲେ । ଯୋଗ୍ୟ ବିବେଚିତ ସମସ୍ତ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନ୍‌ସନ ପ୍ରଦାନ, ୨୨୬ ଓ ୩୧୯ ବିଦ୍ୟାଳୟଗୁଡ଼ିକୁ ୭ମ ବେତନ କମିଶନ ପ୍ରଦାନ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କର ୬ ବର୍ଷର ଚୁକ୍ତି ବୃଦ୍ଧି, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀ ପଦବୀ ପୂରଣ, ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶନାମା ଅନୁସାରେ ଆର୍‌ଏସିପି ପ୍ରଦାନ କରିବା, ୨୮୦୦ଗ୍ରେଡ୍ ପେରେ ରହିଥିବା ଅସଂଗତି ଦୂରୀକରଣ, ଶିକ୍ଷକଙ୍କୁ ଟିଜିଟି ସ୍କେଲ ପ୍ରଦାନ ଆଦି ବିଭିନ୍ନ ଦାବି ଉଲ୍ଲେଖ ରହିଛି । ଆଗାମୀ ୧୬ ତାରିଖରେ ଏହି ସବୁ ଦାବି ନେଇ ଭୁବନେଶ୍ୱରରେ ରାଲି କରାଯିବ ବୋଲି ଜିଲା ସଂଘ ସଭାପତି ଅନୀଲ କୁମାର ପୁରୋହିତ କହିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ସଂଘର ସମ୍ପାଦକ ପ୍ରସନ୍ନ କୁମାର ରଥ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ବିଜୟ କୁମାର ନାୟକ, ରାଜ୍ୟ ଯୁଗ୍ମ ସମ୍ପାଦକ ମନୋଜ କୁମାର ପାଢ଼ୀ, ଜିଲା ଉପସଭାପତି ରବୀନ୍ଦ୍ର କୁମାର ପଣ୍ଡିତ ଓ ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ ।

### ଅଜଣା ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ

ବିଷମ କଟକ,୯।୮ (ବିଭୂତି ଭୂଷଣ ନାୟକ)

ବିଷମକଟକ ବ୍ଲକର ଚାଟିକୋଣ ପଞ୍ଚାୟତ ଆର୍‌ଏମ୍‌ସି ନିକଟରେ ଥିବା ଏକ ଗଛରୁ ବୁଧବାର ଜଣେ ଅଜଣା ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାରୁ ବିଷମକଟକ ସ୍ଥିତ ଖ୍ରୀଷ୍ଟିଆନ ହସ୍ପିଟାଲରେ ଶବ ସଂରକ୍ଷିତ ଗୃହରେ ମୃତଦେହ ରଖାଯାଇଛି। ବୁଧବାର ସକାଳେ ସ୍ଥାନୀୟ ଲୋକେ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ତେବେ ବ୍ୟକ୍ତି ଜଣକ କେଉଁ ପରିସ୍ଥିତିରେ ଏଠାକୁ ଆସିଲେ ଓ କିପରି ତାଙ୍କର ମୃତ୍ୟୁ ହେଲା ତାହା ଏବେ ସନ୍ଦେହଘେରକୁ ଆଣିଛି । ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଅମଲ ସରଦାର ସୂଚନା ଦେଇଛନ୍ତି ।

### ଗୁଣପୁର ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ

ଗୁଣପୁର,୯।୮ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଥାନାରେ ନୂତନ ଆଇଆଇସି ଭାବେ ଉତ୍ତମ କୁମାର ସାହୁ ବୁଧବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ କାର୍ଯ୍ୟରେ ଯୋଗଦାନ କରିବା ପରେ ଥାନା ପକ୍ଷରୁ ସ୍ୱାଗତ କରାଯାଇଥିଲା। ସମସ୍ତଙ୍କ ମିଳିତ ସହଯୋଗ ରହିଲେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇବାରେ ସହାୟକ ହୋଇପାରିବ ବୋଲି ଆଇଆଇସି ସାହୁ କହିଛନ୍ତି। ଏଥିପୂର୍ବରୁ ସେ କଳାହାଣ୍ଡି ଜଲା ଲାଞ୍ଜିଗଡ଼ ଥାନା ଆଇଆଇସି ଭାବେ କାର୍ଯ୍ୟ କରୁଥିଲେ। ଗୁଣପୁରରେ ଥିବା ଥାନାଧିକାରୀ ନିଳାମ୍ବର ଜାନୀଙ୍କର କଳାହାଣ୍ଡି ଜିଲାକୁ ବଦଳି ହୋଇଛି।

# ଯୁବତୀଙ୍କୁ ହତ୍ୟା ମାମଲା: ପୁରୁଷ ବନ୍ଧୁ ଗଲେ ଜେଲ

ଦିଗପହଣ୍ଡି/ପାଟପୁର,୯।୮ (ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)

ପାଟପୁର ଥାନା ପର୍ଯ୍ୟଟନ କ୍ଷେତ୍ର ତପ୍ତପାଣିର ନୂତନ କଲ୍ୟାଣ ମଣ୍ଡପ ପଛ ପଟେ ଥିବା ନାଳରୁ ମଙ୍ଗଳବାର ପୋଡାମାରୀ ଗ୍ରାମର ସଙ୍ଗୀତା ପ୍ରଧାନଙ୍କ ମୃତଦେହ ମିଳିଥିଲା। ଏ ନେଇ ଯୁବତୀଙ୍କ ବାପା ଝିଅକୁ ହତ୍ୟା କରାଯାଇଥିବା ନେଇ ପାଟପୁର ଥାନାରେ ଏତଲା ଦେଇଥିଲେ। ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ତଥା ସଙ୍ଗୀତାଙ୍କ ପୁରୁଷ ବନ୍ଧୁ ପାଟପୁର ଥାନା ସିନ୍ଦୂରପୁର ଗ୍ରାମର ମିଥୁନ ବିଷୋୟୀଙ୍କୁ ପୋଲିସ ବୁଧବାର କୋର୍ଟ ଚାଲାଣ କରିଛି । ଥାନା ମାମଲା ନଂ.୫୦୦/୨୩ରେ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ପୋଡାମାରୀ ଗ୍ରାମର ନାରାୟଣ ପ୍ରଧାନଙ୍କ ଝିଅ ସଙ୍ଗୀତା ପୂର୍ବରୁ ନରସିଂହଗଡ଼ ଗ୍ରାମରେ ବିବାହ କରିଥିବା ବେଳେ ତାଙ୍କର ବିବାହ ବିଚ୍ଛେଦ ଘଟିଥିଲା। ଅଭିଯୁକ୍ତ ମିଥୁନ ବିବାହିତ ଥିଲେ ମଧ୍ୟ ଉଭୟଙ୍କ ମଧ୍ୟରେ ଦୀର୍ଘଦିନ ଧରି ଫୋନ ଯୋଗେ କଥାବାର୍ତ୍ତା ଚାଲିଥିଲା । ତେବେ ଗତ ୩ ତାରିଖ ରାତିରୁ ଉଭୟେ ଫେରାର ରହିଥିବା ବେଳେ ସଙ୍ଗୀତା ଘରୁ ସୁନାଗହଣା ଓ ନଗଦ ପ୍ରାୟ ୧୦ ହଜାର ଟଙ୍କା ନେଇଥିବା ସମ୍ପର୍କରେ ଯୁବତୀଙ୍କ ବାପା ନାରାୟଣ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପାଟପୁର ପୋଲିସ ତଦନ୍ତ ଚଳାଇଥିବା ବେଳେ ମଙ୍ଗଳବାର ତପ୍ତପାଣି ନୂତନ କଲ୍ୟାଣ ମଣ୍ଡପ ପଛ ନାଳରେ ଜଣେ ଯୁବତୀଙ୍କ ମୃତଦେହ ପଡ଼ିଥିବା ସହ ଶରୀର ଉପରେ ପଥର ଲଦା ହୋଇଥିବା ଖବର ଶୁଣି ଘଟଣାସ୍ଥଳରେ ପହଞ୍ଚିଥିଲେ। ପରବର୍ତ୍ତୀ ସମୟରେ ପୋଲିସ ନାରାୟଣଙ୍କ ପରିବାର ଲୋକଙ୍କୁ ଘଟଣାସ୍ଥଳକୁ ଡକାଇବା ପରେ ମୃତଦେହଟି ସଙ୍ଗୀତାର ବୋଲି ଜଣାପଡ଼ିଥିଲା।

# ବଳାତ୍କାର ମାମଲା, ଯୁବକଙ୍କୁ ୩ ବର୍ଷ ଜେଲ

ବ୍ରହ୍ମପୁର,୯।୮ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ରେଜିଷ୍ଟ୍ରାର କୋର୍ଟ ଏକ ବଳାତ୍କାର ମାମଲାର ରାୟ ପ୍ରକାଶ କରିଛନ୍ତି। ଜଜ ସୁଶାନ୍ତ କୁମାର ମିଶ୍ର ଜଣେ ଯୁବକଙ୍କୁ ଘଟଣାର ୧୧ବର୍ଷ ପରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଗୋଳନ୍ଥରା ଥାନା ଅଞ୍ଚଳର ଆନନ୍ଦ ସାହୁ। ତାଙ୍କୁ ୩ ବର୍ଷ ଜେଲ ଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ୨୦୧୨ ଅଗଷ୍ଟ ୭ ତାରିଖରେ ଆନନ୍ଦ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ବିବାହ କରିବା ପ୍ରତିଶ୍ରୁତି ଦେଇ ଅପହରଣ କରିଥିଲେ। ପରେ ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୦୯/୨୦୧୨ରେ ମାମଲା ରୁଜୁ କରିଥିଲା। ଘଟଣା ପରଦିନ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ମାମଲାର ବିଚାର ବେଳେ ୨୫ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ଆରତି ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ଅଧିକାର ପାଇଁ ଏକାଠି ଲଢ଼ିବାକୁ ଆହ୍ୱାନ

## ବିପଦରେ ଆଦିବାସୀ ସଂସ୍କୃତି, ଭାଷା

ଟିକିରି ୯।୮ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ଅନ୍ତର୍ଗତ ଟିକିରିସ୍ଥିତ ସୋରିଷ ପଦର ଛକ ନିକଟରେ ଥିବା ଏକ ପଡିଆରେ ବୁଧବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି , ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୟା ମାଝୀ, ବ୍ଲକ ଅଧ୍ୟକ୍ଷ କଣ୍ଠ ମାଝି ଉପସ୍ଥିତ ଥିଲେ। ଅଞ୍ଚଳର ଆଦିବାସୀମାନେ ଟିକିରି ହାଇସ୍କୁଲଠାରୁ ସୋରିଷପଦର ଛକ ଅଭିମୁଖେ ପଦଯାତ୍ରାରେ ବାହାରିଥିଲେ। ଆଜି ବିଶ୍ୱରେ ବିଭିନ୍ନ ଦେଶରେ ବସବାସ କରୁଥିବା ଆଦିବାସୀଙ୍କ ଅଧିକାର ଓ ସୁରକ୍ଷା ଦିଗରେ ସଚେତନ ସୃଷ୍ଟି କରିବା ଏହି ଦିନର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି 'କାହାରିକୁ ପଛରେ ଛାଡିବା ନାହିଁ' । ଆଦିବାସୀ ଲୋକଙ୍କୁ ନେଇ ଏକ ନୂଆ ସାମାଜିକ ଚୁକ୍ତି ପାଇଁ ଆଜିର ଦିନଟି ଆହ୍ୱାନ ଦେଉଛି। ଅନେକ ସ୍ଥାନରେ ଆଦିବାସୀଙ୍କ ସଂସ୍କୃତି, ଭାଷା ଆଜି ବିପଦରେ। ଏ ଦିଗରେ ବିଶେଷ ଦୃଷ୍ଟି ଦେବା ଦରକାର ବୋଲି ଅତିଥିମାନେ କହିଥିଲେ।



ଆଦିବାସୀମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରୁଛନ୍ତି।

## ଅଧିକାର ଦାବି ନେଇ ଶୋଭାଯାତ୍ରା

ଗୁଡ଼ାରି,୯।୮ (ପ୍ରମୋଦ କୁମାର ପତି)

ଗୁଡ଼ାରି ସହରସ୍ଥିତ ବସ୍‌ଷ୍ଟାଣ୍ଡ ପରିସରରେ ବୁଧବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଗୁଡ଼ାରି ଅଞ୍ଚଳର ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଆଦିବାସୀ ମହିଳା ପୁରୁଷ ନିଜର ଅଧିକାର ଦାବି ନେଇ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ପରେ ବିଭିନ୍ନ ଦାବି ସମ୍ପର୍କରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଗୁଡ଼ାରି ଅତିରିକ୍ତ ତହସିଲଦାର ହୃଷୀକେଶ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ରଘୁନାଥ ଗମାଙ୍ଗ ଯୋଗଦେଇ ଆଦିବାସୀ ଦିବସ ପାଳନର ଗୁରୁତ୍ୱ ବିଷୟରେ କହିଥିଲେ। ଆଦିବାସୀଙ୍କୁ ଧର୍ମ, ରାଜନୀତି ବିଭେଦତାରୁ ଦୂରେଇ ରହିବା ସହ ସମସ୍ତ ଜନଜାତି ଏକ ହୋଇ ନିଜ ଅଧିକାର ପାଇଁ ଲଢ଼ିବା ସହ ପ୍ରକୃତିକୁ ସୁରକ୍ଷା ଦେବାକୁ ହେବ ବୋଲି ବିଧାୟକ କହିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ପତି କ୍ରାସ୍କା, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବର, ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ଶବର, କଦମା ସରପଞ୍ଚ ରାମ ମୁତରଙ୍ଗା, କରଲାଘାଟି ସରପଞ୍ଚ କୌଶଲ୍ୟା ମାମ୍ବଲକା, ଏମ୍‌ପି ପ୍ରତିନିଧି ଭାସ୍କର ଜାଗରଙ୍ଗାଙ୍କ ସମେତ ବହୁ ସରପଞ୍ଚ ସମିତି ସଭ୍ୟ ଓ ବହୁ ଆଦିବାସୀ ମହିଳା ପୁରୁଷ ଉପସ୍ଥିତ ଥିଲେ।

## ଆଦିବାସୀଙ୍କ ଆର୍ଥିକ ଉନ୍ନତି ପାଇଁ ଆଲୋଚନା

ଚନ୍ଦ୍ରପୁର,୯।୮ (ବିଜୟ ପ୍ରସାଦ ଉଲ୍ଲାକା)

ଚନ୍ଦ୍ରପୁର ବ୍ଲକର ଜାରପା ଗ୍ରାମରେ ବୁଧବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ଆଦିବାସୀ ପରାମର୍ଶଦାତା ବିଜୟ ପ୍ରସାଦ ଉଲ୍ଲାକାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଆଦିବାସୀଙ୍କ ପାଇଁ ରହିଥିବା ସୁବିଧା ସୁଯୋଗ, ଶିକ୍ଷା ବ୍ୟବସ୍ଥା, ଜଳ, ଜଙ୍ଗଲ ଜମି ସହ କିପରି ସେମାନଙ୍କର ଆର୍ଥିକ ଉନ୍ନତି ହୋଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ସୁଜିତ ବ୍ରଦେକା, ସମ୍ମାନିତ ଅତିଥି ଭାବେ ଜନ ଜାଗରଣ ମଞ୍ଚର ଜିଲା ସଂଯୋଜକ ଦିବାକର ଶବର, ସରପଞ୍ଚ,ଭୀମ ଗୋଗେରେଙ୍ଗା, ସାରିକିମା ସରପଞ୍ଚ ଫୋକିର ପ୍ରମୁଖ ଯୋଗଦେଇ ଦେଶ ସ୍ୱାଧୀନତାରେ ଶହୀଦ ହୋଇଥିବା ଆଦିବାସୀ ମହାପୁରୁଷ ଲକ୍ଷ୍ମଣ ନାୟକ, ବିର୍ସା ମୁଣ୍ଡା, ବୀର ସୁରେନ୍ଦ୍ର ସାଏ, ସନ୍ଥ କବି ଭୀମ ଭୋଇଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଗୁମିଦେ ଙ୍ଗା, ମଙ୍ଗଳା ଦିବାକା, ସୁନାମନି ପ୍ରିକିା, ହାଡିବନ୍ଧୁ ବ୍ରେକବେଡା, ବିଜୟ ବ୍ରେକବେଡା, ବିଦ୍ୟାଧର ବିଡିକା, ଜୟନ୍ତି କାଡ୍ରାକା ସମେତ ଶତାଧିକ ଆଦିବାସୀ ଯୁବକଯୁବତୀ ଉପସ୍ଥିତ ଥିଲେ। ଶେଷରେ ସଭ୍ୟ ମନୋଜ ବ୍ରେକବେଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ଆଦିବାସୀ ଦିବସ

ରାୟଗଡା,୯।୮ (ଭାଗ୍ୟଶ୍ରୀ ମିଶ୍ର)

ଜିଲା ଆଦିବାସୀ ସମାଜ ପକ୍ଷରୁ ସ୍ଥାନୀୟ ଜିସିଡି ଖେଳ ପଡ଼ିଆଠାରେ ବୁଧବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଆଦିବାସୀମାନେ ସ୍ୱାଭିମାନ ଭାବେ ବଞ୍ଚିବାକୁ ହେଲେ ସେମାନଙ୍କ ଅଧିକାର ପାଇଁ ସମସ୍ତେ ଏକାଠି ହୋଇ ଲଢ଼ିବାକୁ ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି।

ରାୟଗଡାର ଅଧିଷ୍ଠାତ୍ରୀ ଦେବୀ ମା' ମଝି ଘରିଆଣୀଙ୍କଠାରୁ ଆଜ୍ଞାମାଳ ଆସିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମେ ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରେ ଥିବା ସ୍ୱାଧୀନତା ସଂଗ୍ରାମୀ ଡ. ବି. ଆର୍. ଆମ୍ବେଡ୍‌କର ଏବଂ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ସହରର ତୁମ୍ପିଗୁଡା ଛକ, ଆମ୍ବାଗୁଡା, ଚେକାଗୁଡା ଓ ମଝିଘରିଆଣୀ ମନ୍ଦିରରୁ ନାଚଗୀତ ବାଦ୍ୟର ତାଳେ ତାଳେ ଶୋଭାଯାତ୍ରା କରି ଶତାଧିକ ଆଦିବାସୀ ଜିସିଡି ଖେଳପଡିଆରେ ପହଞ୍ଚିଥିଲେ। କୁନି କୁନି କଳାକାରମାନେ ଆଦିବାସୀ ନୃତ୍ୟ ଢେମସା କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ରାୟଗଡା (ଗ) ଜୋନ୍‌ର ଜିଲା ପରିଷଦ ସଭ୍ୟା ସନ୍ଧ୍ୟା ପୁଲକା, ଆଦିବାସୀ ନେତା ଆପଲ ସୱାମୀ କାଡ୍ରାକା, ପ୍ରତାପ ପୁଆଲା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ଚକ୍ରଧର ବିଡ଼ିକା, ରାୟଗଡା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା ଓ ପୂର୍ବତନ ଜିଲା ପରିଷଦ ଅମ୍ବିକା ବିଡ଼ିକା ପ୍ରମୁଖ ଉପସ୍ଥିତ ଥିଲେ। ଲୋପ ପାଇବାକୁ ବସିଥିବା ଆଦିବାସୀଙ୍କ ସଭ୍ୟତା, ସଂସ୍କୃତି, ଲୋକକଳା ଓ ପରମ୍ପରାକୁ ଜୀବିତ ରଖିବାକୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲାରେ ଶିକ୍ଷା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରାୟ ୧୫ ଜଣକୁ ସମ୍ବର୍ଦ୍ଧିତ କରାଯାଇଥିଲା।




ଆଦିବାସୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

## ପୋଖରୀରେ ବୁଡ଼ି ଯୁବକ ମୃତ

ପାପଡାହାଣ୍ଡି,(ସ୍ୱପ୍ନଜିତ ପଟ୍ଟନାୟକ): ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନା ଚନ୍ଦନପାଲା ଗ୍ରାମରେ ବୁଧବାର ପୋଖରୀରେ ବୁଡି ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ସେ ହେଲେ ବଳରାମ ଦଳେଇ। ସୂଚନା ମୁତାବକ ବଳରାମ ଗାଈ ଚରାଇବାକୁ ଯାଇଥିଲେ। ନୂଆ ବନ୍ଧରେ ଗାଧୋଇବା ସମୟରେ ସେ ସେଠାରେ ବୁଡି ଯାଇଥିଲେ। ଏ ନେଇ ଅଗ୍ନିଶମ ବିଭାଗ ଖବରପାଇ ମୃତଦେହ ଜବତ କରିଛି। ତେବେ ଖବର ଲେଖା ଶେଷ ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ପାରମ୍ପରିକ ବେଶ ପୋଷାକରେ ସହର ପରିକ୍ରମା କଲେ ଆଦିବାସୀ

ଉମରକୋଟ/ଡାବୁଗାଁ, ୯।୮
(ସନ୍ତୋଷ ଶତପଥୀ/ପ୍ରଜ୍ଞାରଞ୍ଜନ ପରିଡ଼ା)


ଡାବୁଗାଁରେ ଜନଜାତି ସୁରକ୍ଷା ମଞ୍ଚ ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ନବରଙ୍ଗପୁର ଜିଲା ଉମରକୋଟରେ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଇଛି। ଉମରକୋଟ ବ୍ଲକରେ ରହୁଥିବା ଗଣ୍ଡ ,ଭତ୍ରା, ବଞ୍ଜାରା, ଜାନି, ସାନ୍ତା, ଶବର ଓ ରାଜଗଣ୍ଡ ସମ୍ପ୍ରଦାୟର ହଜାର ହଜାର ସଂଖ୍ୟାରେ ଲୋକେ ଯୋଗ ଦେଇଥିଲେ। ସମସ୍ତେ ପାରମ୍ପରିକ ଅସ୍ତ୍ରଶସ୍ତ୍ର , ବାଦ୍ୟ ଯନ୍ତ୍ର ଧରି ସ୍ଥାନୀୟ ଡିଏନ୍‌କେଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଆମ୍ବେଦ୍‌କରଙ୍କ ପ୍ରତିମୂର୍ତ୍ତୀ ଓ ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରବିସିଂ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। କୋଣ୍ଡାଗାଁ ରୋଡ୍‌ସ୍ଥିତ କଲ୍ୟାଣ ମଣ୍ଡପରେ ଏକ ସଭାର ଆୟୋଜନ କରାଯାଇଛି। ସେଠାରେ ମା’ ପେଣ୍ଡ୍ରାଣୀ, ରାଣୀ ଦୁର୍ଗାବତି ଓ ଦନ୍ତେଶ୍ୱରୀ ମା’ଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପରେ ସଭା କାର୍ଯ୍ୟ ଆରମ୍ଭ ହେଇଥିଲା। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝି, ଉମରକୋଟ ପୌରାଧ୍ୟକ୍ଷା ରାଧା ଭତ୍ରା, ଜନଜାତି ମୁଖ୍ୟ ବିର ସିଂ ମାଝି, ଗଣ୍ଡ ସମାଜ ମୁଖ୍ୟ ମଣିରାମ ଗଣ୍ଡ, ରାଜଗଣ୍ଡ ସମାଜର ମୁଖ୍ୟ ବଦରୁ ମାଝି, ଜାନୀ ଜାତିର ମୁଖ୍ୟ ମାନ ସିଂ ଜାନି, ସାନ୍ତା ସମାଜର ମୁଖ୍ୟ ନମି ସାନ୍ତା, ବଞ୍ଜାରା ଜାତି ମୁଖ୍ୟ ଚେତ୍ତୁ ବଞ୍ଜାରା, ଭତ୍ରା ସମାଜର ମୁଖ୍ୟ ଡମ୍ବରୁ ପୂଜାରୀ , ଦେବୀ ସିଂ ମାଝି, ସନ୍ତୋଷ ମାଝି,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲାଇବନ ଭକ୍ତ ୨୪ ସରପଞ୍ଚ , ଜିଲା ପରିଷଦ ସଦସ୍ୟା ଡାଲିମ୍ବ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ। ମଣିପୁରରେ ଆଦିବାସି ମହିଳାଙ୍କ ଉପରେ ହେଇଥିବ ଅତ୍ୟାଚାରକ ନିନ୍ଦା କରାଯାଇଥିଲା। ଏପରି ଘଟଣା ପୁନରାବୃତ୍ତି ହେଲେ ଆଦିବାସୀ ସମ୍ପ୍ରଦାୟ ଆନ୍ଦୋଳନ କରିବ ବୋଲି ଚେତାବନୀ ଦିଆଯାଇଛି। ବିଶ୍ୱ ଆଦିବାସି ଦିବସକୁ ଛୁଟି ଘେଷଣା କରିବାକୁ ଦାବି ହୋଇଛି।

ନବରଙ୍ଗପୁର ଜିଲା ଡାବୁଗାଁ ମିନି ଷ୍ଟାଡିୟମରେ ଜିଲା ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ ଆଦିବାସୀମାନେ ଆସି ଡାବୁଗାଁର ମାଁ ଠାକୁରାଣୀ ମନ୍ଦିର ନିକଟରେ ଏକାଠି ହୋଇଥିଲେ। ସେଠାରୁ ସମସ୍ତେ ପାରମ୍ପରିକ ବେଶଭୂଷାରେ ଏକ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ମୁଖ୍ୟ କିରାଣୀ ବିଶ୍ୱନାଥ ପାଣିଗ୍ରାହୀଙ୍କୁ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ବିଶ୍ୱ ଆଦିବାସୀ ଦିବସକୁ ସରକାରୀ ଛୁଟି ଘୋଷଣା, ଅବିଭକ୍ତ କୋରାପୁଟ ଜିଲାକୁ କେନ୍ଦ୍ରଶାସିତ ଅଞ୍ଚଳ ଘୋଷଣା, ଜିଲା ଭିତ୍ତିକ ନିଯୁକ୍ତି , ନକଲି ଆଦିବାସୀ ଚିହ୍ନଟ, ଜଙ୍ଗଲ ଆଇନକୁ କଠୋର ଓ ପେସା ଆକ୍ଟ ଲାଗୁ, ଡାବୁଗାଁରେ ମେଡିକାଲ କଲେଜ ସ୍ଥାପନ, ମଦ ବେପାର ବନ୍ଦ, ଆଦିବାସୀ ସଂଗ୍ରହାଳୟ ଓ ଶହୀଦ ଲକ୍ଷ୍ମଣ ନାୟକ ଭବନର ପୁନରୁଦ୍ଧାର ଓ ମଣିପୁରୀ ଆଦିବାସୀଙ୍କ ଉପରେ ଚାଲିଥିବା ଅତ୍ୟାଚାର ବନ୍ଦ ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ସେଠାରୁ ସମସ୍ତେ ଡାବୁଗାଁ ମିନି ଷ୍ଟାଡିୟମରେ ପହଞ୍ଚିବାପରେ ଏକ ସଭା କରାଯାଇଥିଲା। ଏଥିରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି, ପୂର୍ବତନ ଏମ୍‌ପି ପରଶୁରାମ ମାଝି, ଜିଲା ଜନଜାତି ସୁରକ୍ଷା ମଞ୍ଚ ସଭାପତି ଗୋପୀନାଥ ମାଝି, ଉପସଭାପତି ଧନୁର୍ଜୟ ମାଝି, ସାଧାରଣ ସମ୍ପାଦକ ରତନ ମାଝି, ଅଖିଳ ଭତରା, ବୁଦ୍ଧୁ ଜାନୀ, ମୋହନ ସିଂ ଗଣ୍ଡ, ମୋହନ ନାୟକ, ନାରାୟଣ ବଞ୍ଜାରା, ଭକଚନ୍ଦ ଶବର ପ୍ରମୁଖ ଯୋଗଦେଇଥିଲେ।

# ଚାଷ ଦେଖିଲେ କୃଷି ଅଧିକାରୀ


ଅଧିକାରୀମାନେ ଚାଷ ବୁଲି ଦେଖୁଛନ୍ତି।

ତେନ୍ତୁଲିଖୁଣ୍ଟି, ୯।୮ (ଚିଦାନନ୍ଦ ସାହୁ)

ଜିଲା କୃଷି ଅଧିକାରୀ ବିଧୁଭୂଷଣ ମହାକୁଲ ଓ ବ୍ଲକ କୃଷି ଅଧିକାରୀ ବରୁନ ଧନଫୁଲ ଓଡ଼ିଶା ମିଲେଟ ମିଶନରେ ତେନ୍ତୁଲିଖୁଣ୍ଟି ବ୍ଲକ ଗୌଡ଼ଦେଓପାଲି ଓ ସଦର ପଞ୍ଚାୟତରେ ହୋଇଥିବା ଚାଷ ବୁଲି ଦେଖିଥିଲେ। ତେନ୍ତୁଲିଖୁଣ୍ଟି ପଞ୍ଚାୟତ ଡଙ୍ଗାସିଲ ଗୌଡ଼ ଦେଓପାଲି ପଞ୍ଚାୟତର ଡଙ୍ଗା ଝରଣ, ହିରୁଗୁଡା ପରଜା ଦେଓପାଲି, ଡୁମା ଝୋଲାରେ ଚାଷୀ କରିଥିବା ମାଣ୍ଡିଆ ,ସୁଆଁ , କାଙ୍ଗୁ , ବାଜରା ଓ ସର୍ଗମ ଚାଷ ଅଧିକାରୀମାନେ ବୁଲି ଦେଖିଥିଲେ। କ୍ଷେତ୍ରରେ ଅଧିକ ପରିମାଣ ଘାସ ଦେଖି ତାହାକୁ ସଫା କରିବାକୁ କହିଥିଲେ। ଏପରି ନ କଲେ ଉତ୍ପାଦନ ହ୍ରାସ ହେବାର ଆଶଙ୍କା ରହିଛି ବୋଲି ଅଧିକାରୀମାନେ କହିଛନ୍ତି। କେତେକ ସ୍ଥାନରେ ତଳି ନଷ୍ଟ ହୋଇ ଯାଇଥିବା ଦେଖା ଯାଇଥିଲା। ସେଭଳି ସ୍ଥିତି ପାଇଁ ଅତିରିକ୍ତ ତଳି ରଖିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ତେନ୍ତୁଲିଖୁଣ୍ଟି ବ୍ଲକ ମିଲେଟ ମିଶନ ଦାୟିତ୍ୱରେ ଥିବା ସଂସ୍ଥାର ବ୍ଲକ୍ ସଂଯୋଜକ ଅବିନାଶ ପଣ୍ଡା, ଅତିରିକ୍ତ ବ୍ଲକ ସଂଯୋଜକ ନିଶାନ୍ତ ବିଷୋୟୀ ପ୍ରମୁଖଙ୍କୁ ରାସ୍ତା ପାର୍ଶ୍ୱ ଅଞ୍ଚଳରେ ଚାଷ କରିବାକୁ ଚାଷୀଙ୍କୁ ପ୍ରୋତ୍ସାହିତ କରିବାକୁ ପରାମର୍ଶ ଦିଆଯାଇଛି। ଏହି ଅବସରରେ ଆତ୍ମାର ସହକାରୀ ବୈଷୟିକ ପରିଚାଳକ ବାଳଗୋବିନ୍ଦ ସାହୁ, ଓଡ଼ିଶା ମିଲେଟ ମିଶନ ତେନ୍ତୁଲିଖୁଣ୍ଟି ଦାୟିତ୍ୱରେ ଥିବା ସଂସ୍ଥାର ସିଆର୍‌ପି ଜୟ ପାତ୍ର, ସିଆର୍‌ପି ଜଗନ୍ନାଥ ଦିଶାରୀ ଉପସ୍ଥିତ ଥିଲେ। ତେନ୍ତୁଲିଖୁଣ୍ଟି ବ୍ଲକର ୩୫ ଗ୍ରାମରେ ଓଡ଼ିଶା ମିଲେଟ ମିଶନରେ ଚାଷ ହୋଇଥିବା ଜଣା ପଡ଼ିଛି। ତଥାପି ଗୌଡ଼ ଦେଓପାଲି ପଞ୍ଚାୟତର ଅଧିକାଂଶ ଗ୍ରାମରେ କାଂଗୁ, ବାଜରା, ସୁଆଁ ଆଦି ଚାଷ ହେଉଥିବାର ଦେଖି କ୍ଷେତ୍ର ପରିଦର୍ଶନରେ ଆସିଥିବା ଅଧିକାରୀ ଖୁସି ହୋଇଥିଲେ।

## ସଂକ୍ଷେପରେ

### କଳା ବ୍ୟାଜ୍ ପିନ୍ଧି ଆନ୍ଦୋଳନରେ ପିଇଓ ସଂଘ

ତେନ୍ତୁଲିଖୁଣ୍ଟି, ୯।୮ (ଚିଦାନନ୍ଦ ସାହୁ)

ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଦାବିକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉ ନ ଥିବାରୁ ପିଇଓମାନେ କଳା ବ୍ୟାଚ ପିନ୍ଧି ଆନ୍ଦୋଳନ କରୁଛନ୍ତି। ତେନ୍ତୁଲିଖୁଣ୍ଟି ବ୍ଲକରେ ପନ୍ଦର ପଞ୍ଚାୟତ ଥିବାବେଳେ ୬ଜଣ ପିଇଓ ଅଛନ୍ତି। ଦାୟିତ୍ୱ ଅଧିକ କିନ୍ତୁ ସେମାନଙ୍କୁ ଅଣଦେଖା କରାଯାଉଥିବା ପ୍ରତିବାଦରେ ୧୭ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଚ ପିନ୍ଧି ଆନ୍ଦୋଳନ କରିବେ ବୋଲି ସଂଘ ସମ୍ପାଦକ ପ୍ରତାପ ରୁଦ୍ର ଷଡ଼ଙ୍ଗୀ କହିଛନ୍ତି। ଦରମା ଲେବେଲ ୫ରୁ ଲେବେଲ ୯ କୁ ନେବା, ଦଶ ବର୍ଷ କାର୍ଯ୍ୟ କରିବା ପରେ ପଦୋନ୍ନତି , ଅସର ପରେ ପେନସନ ସୁବିଧା ଦାବିରେ ରାଜ୍ୟ ସଙ୍ଘ ଆନ୍ଦୋଳନକୁ ଓହ୍ଲାଇଛି। ଦାବିକୁ ଅଣଶୁଣା କଲେ ୧୮ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି କୁହାଯାଇଛି। ତେନ୍ତୁଲିଖୁଣ୍ଟି ବ୍ଲକର ପ୍ରତାପ ରୁଦ୍ର ଷଡ଼ଙ୍ଗୀ, ଏ.ପି. ଚେଟି, ଚୈତନ୍ୟ ନାୟକ, ଅମିତ ଭୂଷଣ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଆନ୍ଦୋଳନରେ ସାମିଲ ଅଛନ୍ତି।

### ଶ୍ରୀଜଗନ୍ନାଥ ମନ୍ଦିର କାମ ତଦାରଖ କଲେ ଜିଲାପାଳ

ପାପଡାହାଣ୍ଡି/ମୈଦଲପୁର, ୯।୮
(ସ୍ୱପ୍ନଜିତ ପଟ୍ଟନାୟକ/ସଦାଶିବ ଦାସ)

ନବରଙ୍ଗପୁର ଜିଲାପାଳ କମଳଲୋଚନ ମିଶ୍ର ପାପଡ଼ାହାଣ୍ଡି ବ୍ଲକ ମୈଦଲପୁର ଗସ୍ତ କରି ଅଧିକାରୀଙ୍କ ଉପସ୍ଥିତିରେ ସେଠାରେ ଚାଲିଥିବା କାମ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି। ଏହି ସମୟରେ ଆଇଟିଡିଏ ଅଧିକାରୀ ଅଶ୍ୱିନ ପଟ୍ଟନାୟକ, ତାପସ ପଟ୍ଟନାୟକ ଏବଂ ଶ୍ରୀ ଜଗନ୍ନାଥ ମନ୍ଦିର ପୂଜା କମିଟି ସନ୍ତୋଷ କୁମାର ପାଣିଗ୍ରାହୀ, ବିକୁନା ଲେଙ୍କା, ନିର୍ମଳ ବିଷୋୟୀ, ଯୋଗେନ୍ଦ୍ର ପ୍ରଧାନ, ଲମ୍ବୁ ହରିଜନ, ସନ୍ତୋଷ ହେରେନା ଉପସ୍ଥିତ ଥିଲେ। ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ଏବଂ ମନ୍ଦିର ପାହାଚ ଶୀଘ୍ର ସମ୍ପୂର୍ଣ୍ଣ କରିବା ସହ ଆଲୋକୀକରଣ କାର୍ଯ୍ୟ ତୁରନ୍ତ ଧାର୍ଯ୍ୟ ସମୟରେ ସାରିବାକୁ ମୈଦଲପୁର ଶ୍ରୀ ଜଗନ୍ନାଥ ମନ୍ଦିର ପୂଜା କମିଟି ଓ ବିଭାଗ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଡିଇଓ କାର୍ଯ୍ୟାଳୟ ଆଗରେ ଧାରଣା


ଓଷ୍ଟା ଜିଲା ସଂଘ ସଦସ୍ୟମାନେ ଧାରଣାରେ ବସିଛନ୍ତି ।

ନବରଙ୍ଗପୁର,୯।୮ (ସଦାଶିବ ପ୍ରହରାଜ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଜିଲା ସଂଘ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବିରେ ଧାରଣା ଦିଆଯାଇଛି। ମୁଖ୍ୟମନ୍ତ୍ରୀ, ଅର୍ଥ ମନ୍ତ୍ରୀ, ଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଅର୍ଥ ସଚିବ ଓ ଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଜିଲାଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରଯାଇଛି। ଯୋଗ୍ୟ ବିବେଚିତ ସମସ୍ତ ଉଚ୍ଚ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟତ୍ରୀ, ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କୁ ଚାକିରୀ ସର୍ତ୍ତାବଳୀ ସହ ପେନ୍‌ସନ ପ୍ରଦାନ, ୨୨୬ ଓ ୩୯୯ ବିଦ୍ୟାଳୟଗୁଡ଼ିକୁ ୭ମ ବେତନ କମିଶନ ହାରରେ ଦରମା ଦେବାକୁ ଦାବି ହୋଇଛି। ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟକୁ ସରକାରୀକରଣ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କର ୬ବର୍ଷର ଚୁକ୍ତି ଅବଧିକୁ ନିୟମିତ ଚାକିରୀରେ ଯୋଗକରିବା, ୬ଟି ନ୍ୟାସନାଲ ଇନକ୍ରିମେଣ୍ଟ ଦାବି ହୋଇଛି। ଖାଲି ପଡ଼ିଥିବା ଶିକ୍ଷୟତ୍ରୀ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ପଦବୀ ପୂରଣ, ଅବସର ସମୟସୀମା ୬୨କୁ ବୃଦ୍ଧ ଦାବି ରଖାଯାଇଛି। ଦାବିପତ୍ର ପ୍ରଦାନବେଳେ ରାଜ୍ୟ ଉପସଭାପତି ଅରୁଣ କୁମାର ବଳ, ଯୁଗ୍ମ ସମ୍ପାଦକ ସନ୍ତୋସ ସାହୁ, ଜିଲା ସଭାପତି ବଂଶୀଧର ଭୂୟାଁ, କାର୍ଯ୍ୟକାରୀ ସଭାପତି ଦେବାଶିଷ ନନ୍ଦି, ଉପସଭାପତି ବିଦ୍ୟୁତ ଲକ୍ଷ୍ମୀ ମିଶ୍ର, ସମ୍ପାଦକ ମିହିର କାନ୍ତି ଢ଼ାଲି ସମେତ ଜିଲାସ୍ତରୀୟ କର୍ମକର୍ତ୍ତା ଓ ସଂଘ ସଭ୍ୟା ସଭ୍ୟ ଉପସ୍ଥିତ ଥିଲେ।

## ଜୁନିୟର ରେଡକ୍ରସ୍ ତାଲିମ ଶିବିର

କୋଡ଼ିଙ୍ଗା, ୯।୮ (ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲାରେ ଜୁନିୟର ରେଡ୍‌କ୍ରସ ସୋସାଇଟି ଆନୁକୂଲ୍ୟରେ ବୁଧବାର ଡାବୁଗାଁ ଏବଂ କୋଷଗୁମଡା ବ୍ଲକର ପରାମର୍ଶଦାତାଙ୍କୁ ନେଇ କୋଡ଼ିଙ୍ଗା ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ରେଡକ୍ରସ ଅଧିକାରୀ ନାରାୟଣ ପାଇକରାୟ ଏବଂ ଜିଲା ସମ୍ପାଦକ ପ୍ରଭାତ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୋଷାଗୁମୁଡ଼ା ବିଇଓ ସୁବାଷ ନାୟକ ମୁଖ୍ୟ ଅତିଥି, କୋଡ଼ିଙ୍ଗା ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଙ୍କଜ ଚୌଧୁରୀ, କୋଷାଗୁମୁଡ଼ା ହାଇସ୍କୁଲ ପ୍ରଧାନଶିକ୍ଷକ ପବିତ୍ର ହଳଧର, ସିଆର୍‌ସିସି ବାବୁଲାଲ ବାରିକ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ରେଡକ୍ରସ ଇତିହାସ, ସଡ଼କ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା, ପ୍ରାଥମିକ ଚିକିତ୍ସା ତଥା ବିଦ୍ୟାଳୟରେ ରେଡ୍‌କ୍ରସର ସୁପରିଚାଳନା ନେଇ ପରାମର୍ଶଦାତାଙ୍କୁ ତାଲିମ ଦିଆଯାଇଛି। କାର୍ଯ୍ୟକ୍ରମକୁ ଜିଲା ରେଡ୍‌କ୍ରସ ସାଧନ କର୍ମୀ କମଳାକାନ୍ତ ରାଉତ, ପ୍ରଭାସିନୀ ମହାନ୍ତି, ସଚିନ ସଦଗୋପନ ସାହୁ ପରିଚାଳନା କରିଥିଲେ। କୋଡ଼ିଙ୍ଗା ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପି.ସନ୍ତୋଷ ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ୧୯୯୬୨୮ ହେକ୍ଟର ଜମିରେ ଖରିଫ ଫସଲ ଲକ୍ଷ୍ୟ


ବୈଠକରେ ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ।

ନବରଙ୍ଗପୁର , ୯।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହର ଉପକଣ୍ଠ ଡିପିଆର୍‌ସି କୋଠାରେ ଖରିଫ କୃଷି ଖସଡ଼ା ପ୍ରସ୍ତୁତି ବୈଠକ ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ଜିଲାରେ ଚଳିତ ଖରିଫ୍‌ରେ ୯୬୮୭୮ ହେକ୍ଟର ଧାନ, କ୍ଷୁଦ୍ର ଶସ୍ୟ(ମାଣ୍ଡିଆ) ୮୬୧୦ ହେକ୍ଟର, ଡାଲି ଜାତୀୟ ଫସଲ ୧୨୦୦ ହେକ୍ଟର, ତୈଳବୀଜ ୪୫୪୦ ହେକ୍ଟର, ପନିପରିବା ୧୦୪୫୦ ହେକ୍ଟର, ମସଲା ଜାତୀୟ ଫସଲ ୧୭୩୦ ହେକ୍ଟର, ଆଖୁ ୫ ହଜାର ହେକ୍ଟର ଓ ମକା ୬୦୦୦୦ ହେକ୍ଟର ଏପରି ସମୁଦାୟ ୧୯୯୬୨୮ ହେକ୍ଟର ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ମରୁଡି ଆଶଙ୍କା ଥିବା ପଞ୍ଚାୟତର ସମ୍ପୂର୍ଣ୍ଣ ବିବରଣୀ, ଜଳସେଚନ ସୁବିଧା, ସାର ବିହନ ଏବଂ କୀଟ ନାଶକ ପ୍ରବର୍ତ୍ତନ ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସାର ଯୋଗାଣରେ ଯେପରି ଅସୁବିଧା ନ ହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ବୈଠକରେ ମୁଖ୍ୟ କୃଷି ଅଧିକାରୀ ଜି.ଭି.ରେଡ୍ଡୀ, ଉଠାଜଳସେଚନ ପକଳ୍ପ ନିର୍ବାହୀ ଯନ୍ତ୍ରୀ ଦିଲ୍ଲୀପ କୁମାର ଦାସ, ନାବାର୍ଡ ଡିଜିଏମ୍ ବିକାଶ ଟିଗା, ଆତ୍ମାର ପ୍ରକଳ୍ପ ନିର୍ଦ୍ଦେଶକ କମଳ ଲୋଚନ ନାୟକ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଜଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଆଦିବାସୀ ଦିବସ ପାଳିତ

ଲକ୍ଷ୍ମୀପୁର ୯।୮ (ଅନନ୍ତ ନାୟକ)



ଶୋଭାଯାତ୍ରା ସହର ପରିକ୍ରମା କରୁଛି।

କୋରାପୁଟ ଜିଲା ଲକ୍ଷ୍ମୀପୁରରେ ଆଦିବାସୀ ପ୍ରଗତିବାଦୀ ସମାଜ ଆହ୍ୱାନକ୍ରମେ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଇଛି। ଲକ୍ଷ୍ମୀପୁର ରେଲୱେ ଶୋଭାଯାତ୍ରା ବାହାରି ଆମ୍ବେଡ଼କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବ୍ଲକ ପଡିଆରେ ସଭା କରାଯାଇଛି। କୋରାପୁଟ ଜିଲା ସ୍ୱତନ୍ତ୍ର ଉନୟନ ପରିଷଦ ଅଧକ୍ଷ ଚନ୍ଦ୍ରଶେଖର ମାଝି ମୁଖ୍ୟ ଅତିଥି, ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା, ପୂର୍ବତନ ଏମ୍‌ପି ଝିନହିକ୍‌କା, ପୂର୍ବତନ ବିଧାୟକ କୈଳାଶ କୁଲେଶିକା,ବନ୍ଧୁଗାଁ ବ୍ଲକଅଧକ୍ଷା ଲକ୍ଷ୍ମୀ ମିଣିଆକା, ନାରାୟଣପାଟଣା ବ୍ଲକ ଅଧକ୍ଷ ଗୋଲାରି ତ୍ରିନାଥ, ଲକ୍ଷ୍ମୀପୁର ବ୍ଲକ ଅଧକ୍ଷା ଶୁଆଇ କୁଲେସିକା ପ୍ରମୁଖ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଓଡ଼ିଶାରେ ୬୨ ପ୍ରକାର ଜନଜାତି ବସବାସ କରନ୍ତି ଆଦିବାସୀଙ୍କର ଜମି ,ଜଳ, ଜଙ୍ଗଲ ଭାଷା, ଓ ସଂସ୍କୃତି, ସୁରକ୍ଷା, ଶିକ୍ଷାର ଉନ୍ନତିକରଣ ପାଇଁ ୧୯୯୪ ଅଗଷ୍ଟ ୯ରୁ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଉଛି ବୋଲି ଅତଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଅପାରାଉ ୱାଡକା, କୁମୁଦ ସଂନ୍ତା, ଦାଶାରି ମୁଷ୍କା ,ଦାସୀ ମିନିଆକା, ଉଦୟ ହିଲ୍‌କା, ପରଦା କୁଲେସିକା, ରାଧେଶ୍ୟାମ ଜାନି, ପୂୟୁ ମିନିଅକା, ଶଙ୍କର ସାନ୍ତା, ବସନ୍ତ ମୀନିଆକା ପ୍ରମୁଖ ପରିଚାଳନା କରିଥିଲେ।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ନବରଙ୍ଗପୁର,୯।୮ (ସଦାଶିବ ପ୍ରହରାଜ)



ଦାବିପତ୍ର ଦେବାକୁ ଯାଉଥିବା ସଂଘର ସଦସ୍ୟମାନେ।

ନବରଙ୍ଗପୁର ଜିଲା ଅନୁସୂଚିତ ଜାତି ଜନଜାତି ପଛୁଆବର୍ଗ ଓ ସଂଖ୍ୟାଲଘୁ ଏକତା ମଞ୍ଚ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ଏକ ଶୋଭାଯାତ୍ରା ଚାମୁରିଆଗୁଡ଼ାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳରେ ପହଞ୍ଚିଥିଲା। ସେଠାରେ ଏକ ପ୍ରତିବାଦ ସଭା କରାଯାଇ ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକଙ୍କୁ ପ୍ରଦାନ କରାଯାଇଛି। ମଣିପୁରରେ ଚାଲିଥିବା ସାମ୍ପ୍ରଦାୟିକ ହିଂସାକୁ ତୁରନ୍ତ ବନ୍ଦ, ମଣିପୁର ହିଂସା ଓ ଦଙ୍ଗାରେ କ୍ଷତିଗ୍ରସ୍ତ ପିଡୀତଙ୍କୁ ନ୍ୟାୟ, ୟୁନିଫର୍ମ ସିଭିଲ କୋର୍ଡ ପ୍ରସ୍ତାବିତ ବିଲ୍ ରଦ୍ଦ, ବିଶ୍ୱ ଆଦିବାସୀ ଦିବସକୁ ସରକାରୀ ଛୁଟି ଘୋଷଣା ଦାବି ହୋଇଛି। ଜଙ୍ଗଲ ସଂରକ୍ଷଣ ସଂଶୋଧନ ବିଧେୟକ ଆଇନ ୨୦୨୩ କୁ ରଦ୍ଦ କରାଯାଉ ଚାକିରି କ୍ଷେତ୍ରରେ ଜିଲାଭିତ୍ତିକ ନିଯୁକ୍ତି ଦାବି କରାଯାଇଛି। ଅନୁସୂଚିତ ଜାତି ଜନଜାତି ପରି ସଂଘ ଜିଲା ସଭାପତି ଭଗବାନ ବୈରାଗୀ, ଲଳିତ ମୋହନ ନାୟକ, ଆଦିବାସୀ ଅଧିକାର ମଞ୍ଚ ସଭାପତି ରାଜେଶ ଜାନୀ, ଜନଜାତି ସୁରକ୍ଷା ମଞ୍ଚ ଦିବାକର ପୂଜାରୀ, ଖ୍ରୀଷ୍ଟିୟାନ ସଂଖ୍ୟାଲଘୁ ଜିଲା ସଭାପତି ସୁଧୀର ପାତ୍ର, ସମ୍ପାଦକ ଗୌରବ କାଉଁରୀ, ନଗେନ୍ଦ୍ର ପଟ୍ଟନାୟକ, ଦିବ୍ୟଦାନ ସୁନା, ସୁନାମ ପାତ୍ର ସୁନା, ଦୟାନିଧି ସୁନା, ମୁସଲିମ ସଂଖ୍ୟାଲଘୁର ସହାଜାଦ ଖାନ, ଅବଦୁଲ ସତର, ଇମ୍ରାନ ସାରିଫ ଉପସ୍ଥିତ ଥିଲେ।

# ୫୮୦୭ କେନ୍ଦ୍ରରେ ପ୍ରଦାନ କରାଯିବ କୃମିନାଶକ ବଟିକା

କୋରାପୁଟ,୯।୮ (ଅମିତାଭ ବେହେରା)


ଖବରଦାତା ସମ୍ମିଳନୀରେ ଏଡିପିଏଚଓଙ୍କ ସମେତ ଅନ୍ୟମାନେ।

କୋରାପୁଟ ଜିଲାରେ ୫୮୦୭ କେନ୍ଦ୍ରରେ ୬ ଲକ୍ଷ ୧୦ହଜାର ୮୦୫ ଜଣଙ୍କୁ କୃମିନାଶକ ବଟିକା ପ୍ରଦାନ ଲକ୍ଷ୍ୟ ରଖାଯାଇଛି। ଏ ନେଇ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏଡିପିଏଚଓ (ପରିବାର କଲ୍ୟାଣ) ଡାକ୍ତର ନୀଳମାଧବ ଶତପଥି ସୂଚନା ଦେଇଛନ୍ତି। ଜାତୀୟ କୃମିନାଶକ ଦିବସ ଅବସରରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ଶତପଥି ଅଧକ୍ଷତା କରି ଗୁରବାରଠାରୁ ଜିଲାରେ ୧ରୁ ୧୯ ସମସ୍ତ ଶିଶୁ ତଥା ପିଲାମାନଙ୍କୁ ୩୨୬୩ ଅଙ୍ଗନବାଡି କେନ୍ଦ୍ର, ୨୪୨୯ ସ୍କୁଲ ଓ କଲେଜ, ୧୧୫ଟି ବେସରକାରୀ ବିଦ୍ୟାଳୟ ମୋଟ ୫ହଜାର ୮୦୭ଟି କେନ୍ଦ୍ରରେ ଏହି କୃମି ନାଶକ ବଟିକା ପ୍ରଦାନ କରାଯିବ। ଚଳିତ ବର୍ଷ ଜିଲାରେ ପ୍ରଥମଥର କରି ୨୦ରୁ ୨୪ ବର୍ଷର ପ୍ରଜନନକ୍ଷମ ମହିଳାମାନଙ୍କୁ ଅଙ୍ଗନବାଡି କେନ୍ଦ୍ରରେ ଏହି ବଟିକା ପ୍ରଦାନ କରାଯିବ ବୋଲି ଶତପଥି ସୂଚନା ଦେଇଥିଲେ । ଯେଉଁମାନେ ଏହି ଜାତୀୟ କୃଶିନାଶକ ଦିବସରେ ଏହି ବଟିକା ଖାଇ ପାରି ନ ଥିବେ ସେମାନଙ୍କୁ ଆସନ୍ତା ୧୭ ଅଗଷ୍ଟରେ ସ୍ୱତନ୍ତ୍ର ଭାବେ ଏହି ବଟିକା ପ୍ରଦାନ କରାଯିବ । ସୂଚନାଥାଉକ, ଗତବର୍ଷ ୫ ଲକ୍ଷ ୩୮ହଜାର ୨୩୯ ଜଣଙ୍କୁ କୃମିନାଶକ ବଟିକା ପ୍ରଦାନ କରାଯାଇଥିଲା ବୋଲି ସେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବ୍ୟାପକ ସଚେତନ କରିବାକୁ ଶତପଥି ଗଣମାଧ୍ୟମର ସହଯୋଗ କାମନା କରିଛନ୍ତି। ଖବରଦାତା ସମ୍ମିଳନୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ ଶୁଭକାନ୍ତ ଗନ୍ତାୟତ, ଅତିରିକ୍ତ ଜିଲା ସଂପ୍ରସାରଣ ଅଧିକାରୀ ଶୁଭ ନାରାୟଣ ନାୟକ, ଡିଏମଆରସି କିଶୋର ଚନ୍ଦ୍ର ସାହୁ ଓ ଡିଜିଏମ ଏମ ସନ୍ତୋଷ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ‘ନୂତନ ଶିକ୍ଷାନୀତି ନାମରେ ସାମ୍ପ୍ରଦାୟିକ ଚିନ୍ତାଧାରାକୁ ଭର୍ତ୍ତି କରାଯାଉଛି’

ନବରଙ୍ଗପୁର,୯।୮ (ସଦାଶିବ ପ୍ରହରାଜ)

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ମିଳିତ ମଞ୍ଚ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ସଂଘ ସଦସ୍ୟମାନେ ଶୋଭାଯାତ୍ରାରେ ଦାବିପତ୍ର ଦେବାକୁ ଯାଉଛନ୍ତି।

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ମିଳିତ ମଞ୍ଚ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚ ସଦସ୍ୟମାନେ ପୋଲିସ ପଡ଼ିଆରୁ ଏକ ଶିଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି।

୨୦୧୪ରୁ କେନ୍ଦ୍ରରେ ଭାଜପା ଆସିବାପରେ ଦରଦାମ ବୃଦ୍ଧି, ବେକାରୀ, ଦାରିଦ୍ର୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅବ୍ୟବସ୍ଥା ଯୋଗୁ ଜୀବନ ଜୀବିକା ଉପରେ କୁପ୍ରଭାବ ପକାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଲକ୍ଷାଧିକ ପଦବୀ ଖାଲି ପଡ଼ିଛି। ସ୍ଥାୟୀ ବଦଳରେ ଅସ୍ଥାୟୀ ନିଯୁକ୍ତି ଦିଆଯାଉଛି। ଅଙ୍ଗନୱାଡ଼ି ଆଶା ପାଚିକା ସହାୟିକାଙ୍କ ଭଳି ପ୍ରତ୍ୟେକ ସ୍ତରରେ ସ୍କିମ୍ ଶ୍ରମିକ ନିଯୁକ୍ତି କରି କିଛି ଟଙ୍କା ମଜୁରୀ ଦିଆଯାଉଛି। ପେନସନ ଭଳି ସାମାଜିକ ସୁରକ୍ଷା ଯୋଜନା ସମସ୍ତଙ୍କ ପାଇଁ ନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ନୂତନ ଶିକ୍ଷା ନୀତି ନାମରେ ସାମ୍ପ୍ରଦାୟିକ ଚିନ୍ତାଧାରାକୁ ଭର୍ତ୍ତି କରାଯାଉଛି। ରାଜ୍ୟମାନଙ୍କର ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ କରାଯାଉଛି ବୋଲି ଦାବିପତ୍ରରେ ରହିଛି। ସର୍ବନିମ୍ନ ମଜୁରୀ ୨୬୦୦୦ ଟଙ୍କା ଘୋଷଣା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବାର୍ଷିକ ୨୦୦ ଦିନର କାମ ଯୋଗାଇବା ଓ ଅଙ୍ଗନୱାଡ଼ି ଆଶା ପାଚିକା ସହାୟିକାଙ୍କ, ମିଶନ କର୍ମୀ,ଓ ସମସ୍ତ ସ୍କିମ ଶ୍ରମିକଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ ଦାବି ହୋଇଛି। ଦରଦାମ ହ୍ରାସ, ସମାନ କାମକୁ ସମାନ ମଜୁରୀ ପ୍ରଦାନ, ଇପିଏଫ ପେନସନଧାରୀଙ୍କୁ ମାସିକ ସର୍ବନିମ୍ନ ୯୦୦୦ ଟଙ୍କା ପେନସନ ଦେବାକୁ ଦାବିପତ୍ରରେ ନିବେଦନ କରାଯାଇଛି। ଦବିପତ୍ର ପ୍ରଦାନ ସମୟରେ ଏଆଇଟିୟୁସିର ରାଜ୍ୟ କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି, ଯୁବ ସଂଘ ସମ୍ପାଦକ ନନ୍ଦ କୁମାର, ଅଙ୍ଗନୱାଡି ସଭାପତି କଲ୍ୟାଣୀ ସାହୁ, ଅଙ୍ଗନବାଡି ଜିଲା ସମ୍ପାଦିକ ମମତା ବେହେରା, ଆଶାକର୍ମୀ ସଂଘର ଅସ୍ତମା ହରିଜନ, ପାଚିକା ସଂଘ ସମ୍ପାଦିକ ଡମାଇ ମାଝି, ନବରଙ୍ଗପୁର ଜିଲା ଏଆଇଟିୟୁସି ଆବାହକ ସନାତନ ସାହୁ, ସିଟୁସିସି ଟି.କେ . ସୁନା, ପାଚିକା ସଂଘ ସଭାପତି ଟଙ୍କଧର ଗୌଡ଼, ନିର୍ମାଣ ଶ୍ରମିକ ସଂଘର ଦୁର୍ଯୋଧନ ଗୌଡ଼ ଶ୍ରମିକ ସଂଘର ଟଙ୍କଧର ଗୌଡ଼ ଉପସ୍ଥିତ ଥିଲେ।

